ODM EDUCATIONAL GROUP
*Changing your Tomorrow*

# MORNING PRAYER





CHANGING YOUR TOMORROW

Website: www.odmegroup.org
Email: info@odmps.org

Toll Free: **1800 120 2316**
Sishu Vihar, Infocity Road, Patia, Bhubaneswar- 751024

# ODM PUBLIC SCHOOL

SESSION :19

CLASS :3

SUBJECT : ODIA

CHAPTER NUMBER: 13

CHAPTER NAME : ବେଙ୍ଗୁଲୀ କରୁଛି କେଁ କଟର

SUBTOPIC : ଅଭ୍ୟାସ- ୧୩ ଓ ୧୪

CHANGING YOUR TOMORROW

Website: www.odmegroup.org
Email: info@odmps.org
Toll Free: 1800 120 2316
Sishu Vihar, Infocity Road, Patia, Bhubaneswar- 751024

## ଅଧ୍ୟୟନର ଉଦ୍ଦେଶ୍ୟ –

ପିଲାମାନଙ୍କର ଶ୍ରବଣ ,କଥନ,ପଠନ,ଲିଖନ ଓ ଯୁକ୍ତାକ୍ଷର ଶବ୍ଦ ଉଚ୍ଚାରଣ  ଶୈଳୀ ର ଅଭିବୃଦ୍ଧି କରାଇବା |



# ବେଙ୍ଗୁଲୀ କରୁଛି କେଁ କଟର








# ବେଙ୍ଗୁଲି କରୁଛି କେଁ କଟର

ଏକ ଶୀତୁଆସକାଳ । ଚତୁର୍ଦ୍ଦିଗ କୁହୁଡ଼ି ଭର୍ତ୍ତି । ବେଙ୍ଗସର୍ଦ୍ଦାରର ସଙ୍ଗୀତ ଦଳ ଏକାଠି ହୋଇଛନ୍ତି । ସର୍ଦ୍ଦାର ଉଭାବନ କରିଥିବା ନୂଆସୁର ଅଭ୍ୟାସ ହେବ । ନିର୍ଦ୍ଦେଶ ପାଇବାମାତ୍ରେ କଇଁଛର ମର୍ଦ୍ଦଳ, ପାଣିଧଣ୍ଡର ବଂଶୀ, କଙ୍କଡ଼ାର





ହାରମୋନିୟମ୍, ମାଙ୍କଡ଼ର ଢୋଲକି, ଠେକୁଆର ଡୁବିତବଲା ଶବ୍ଦରେ ଆଖଡ଼ାଘର କମ୍ପିଉଠିବ ।

ଶୀତଯୋଗୁଁ ବେଙ୍ଗମାନଙ୍କ କଣ୍ଠରୁଦ୍ଧ ହୋଇଯାଉଥାଏ । ଗୀତ ଅଭ୍ୟାସ ହୋଇପାରିଲା ନାହିଁ । ଥଣ୍ଡାପାଗ ଯୋଗୁଁ ଏ ଦୁର୍ଦ୍ଦଶା ବୋଲି ସର୍ଦ୍ଦାର ଜାଣି ପାରିଲା । ସେ କହିଲା, "ଦେଖ ଭାଇମାନେ, ଶୀତଦିନ ପରେ ଖରାଦିନ ଆସିବ । ପାଗ ଗରମ ରହିବ । ଗୁଲୁଗୁଲି ହେବ । ଝାଳ ବୋହିବ । ସେତେବେଳେ ମଧ୍ୟ ଆମେ ଏକାଠି ହୋଇପାରିବା ନାହିଁ । ତା'ପରେ ବର୍ଷାଦିନରେ କୋହଲାପାଗ ହେବ । ଚାଲ, ଏବେ ଆମେ ନିଶ୍ଚଳ ହୋଇ ମାଟିତଳେ ଶୋଇବା । ମୁଁ ଦକ୍ଷିଣଦିଗକୁ ଯାଉଛି ଶୋଇବି ।" ଏହାପରେ

ଯେ ଯାହାର ଜାଗା ବାଛି ନିଃଶବ୍ଦରେ ଶୋଇଗଲେ । ଖରାଦିନ ଯାଇ ବର୍ଷାଦିନ ଆସିଲା । ଆକାଶରେ କଳାହାଣ୍ଡିଆ ମେଘ ଘୋଟିଥାଏ । ବିଜୁଳି ଚମକୁଥାଏ । ଏହି ସମୟରେ



ଘଡ଼ଘଡ଼ି ଶବ୍ଦରେ ପୃଥିବୀ ଥରିଉଠିଲା । ବେଙ୍ଗମାନଙ୍କ ନିଦ ଭାଙ୍ଗିଲା । ସେମାନେ ସର୍ଦ୍ଦାର ପାଖକୁ ଯିବାକୁ ବାହାରିଲେ । କିନ୍ତୁ ନିର୍ଦ୍ଦିଷ୍ଟ ଦିଗ ଜାଣିପାରିଲେ ନାହିଁ । କ'ଣ କରିବେ ଭାବି ବସିଲେ । ସେମାନଙ୍କ ମଧ୍ୟରେ ଥିଲା ବୃଦ୍ଧବେଙ୍ଗଟିଏ । ସେ କହିଲା, "ମୁଁ ବହୁତ ବୁଦ୍ଧିମାନ ।" ସେ ଚାରିଆଡ଼କୁ ଚାହିଁଲା । ଦେଖିଲା, ଗୋଟିଏ ପଟରୁ ଆକାଶ ଧୀରେଧୀରେ ଫରଚା ହେଉଛି । "ଦେଖ ଏ ପଟେ ସୂର୍ଯ୍ୟ ଉଦୟ ହେଉଛି । ଏହା ନିଶ୍ଚୟ ପୂର୍ବଦିଗ । ଏପଟକୁ ମୁହଁ କରି ଛିଡ଼ା ହେଲେ ତୁମ ପଛପଟ ହେବ ପଶ୍ଚିମଦିଗ । ତୁମର ଡାହାଣହାତ ଦକ୍ଷିଣଦିଗ ହେବ ଓ ବାମହାତ ଉତ୍ତରଦିଗ ହେବ ।" ତା'ପରେ ସେମାନେ ଡାହାଣପଟ ଦିଗକୁ ଗଲେ । ଗୀତ ଅଭ୍ୟାସ କଲେ । ଅଭ୍ୟାସ କରୁକରୁ ଆଷାଢ଼ମାସର ଚତୁର୍ଦ୍ଦଶୀ ତିଥି ପହଞ୍ଚିଗଲା । ସେଦିନ ବାଘମାମୁର ବାହାଘର ।

ସଙ୍ଗୀତଦଳ ସେଠାରେ ପହଞ୍ଚିଲେ । ଗୀତ ଗାଇଲେ । ଖାଣ୍ଟି ଗୁଆଘିଅରେ ମିଠା ଓ କ୍ଷୀରୀ ହୋଇଥିଲା । ମନଭରି ଭୋଜି ଖାଇଲେ ।

ବେଙ୍ଗମାନଙ୍କ ପେଟରେ ଘିଅ କି ହଜମ ହୁଏ ? ପେଟ ଗୋଳମାଳ ହେଲା । ଝାଡ଼ା ହେଲା । ହନୁବଇଦ କେତେ ପ୍ରକାର ଉଦ୍ଭିଦର ଚେର ଆଣି ଔଷଧ ତିଆରି କଲା । ସେମାନେ ଔଷଧ ଖାଇ ଝାଡ଼ାରୁ ଉଦ୍ଧାର ପାଇଲେ ସିନା ସେମାନଙ୍କ ସ୍ୱରଯନ୍ତ୍ରଗୁଡ଼ିକ ଖରାପ ହୋଇଗଲା । ସେମାନେ ଆଉ ପୂର୍ବଭଳି ଗୀତ ଗାଇ ପାରିଲେ ନାହିଁ । ସେହିଦିନଠୁ ସେମାନେ କେଁ କଟର ଶବ୍ଦ କରିଆସୁଛନ୍ତି ।

# ଅଭ୍ୟାସ - ୧୩ , ୧୪ ଟିକିଏ ଭାବ ଓ ଲେଖ

ଯଦି ସୂର୍ଯ୍ୟ ନ ଥାନ୍ତା , ତାହାହେଲେ କଣ ହୁଅନ୍ତା ?

ଯଦି ମୋଟେ ବର୍ଷା ହେବ ନାହିଁ ,ତା ହେଲେ କଣ ହେବ ?

# ଅଭ୍ୟାସ-୧୩ ଟିକିଏ ଭାବ,ଲେଖ |

## ଯଦି ସୂର୍ଯ୍ୟ ନ ଥାନ୍ତା,ତାହା ହେଲେ କଣ ହୁଅନ୍ତା ?

ଉ- ଯଦି ସୂର୍ଯ୍ୟ ନ ଥାନ୍ତା , ତାହା ହେଲେ ସମସ୍ତ ଜୀବ ଜଗତ ଓ ଉଦ୍ଭିଦ ଜଗତର ସ୍ଥିତି ନ ଥାନ୍ତା | ଆମେ ସୂର୍ଯ୍ୟ କିରଣ ପାଇ ପାରନ୍ତେ ନାହିଁ | ବୃକ୍ଷ ମଧ୍ୟ ତାର ଖାଦ୍ୟ ପ୍ରସ୍ତୁତ କରି ପାରନ୍ତା ନାହିଁ |ସୂର୍ଯ୍ୟ ହେଉଛନ୍ତି ସକଳ ଶକ୍ତିର ଆଧାର |ଉତ୍ତାପ ଅଭାବରୁ ସମଗ୍ର ପ୍ରାଣୀ ଜଗତ ଓ ଉଦ୍ଭିଦ ଜଗତ ଲୋପ ପାଇଯାଆନ୍ତା ,ତେଣୁ ସମଗ୍ର ବିଶ୍ୱପାଇଁ ସୂର୍ଯ୍ୟ ଙ୍କ ଉପସ୍ଥିତି ନିତ୍ୟାନ୍ତ ଜରୁରୀ ଓ ଆବଶ୍ୟକ |

# ଅଭ୍ୟାସ-୧୪ ଭାବ ଓ ଲେଖ

## ଯଦି ମୋତେ ବର୍ଷା ହେବନାହିଁ,ତା ହେଲେ କଣ ହେବ ?

ଉ -ଯଦି ମୋତେ ବର୍ଷା ହେବ ନାହିଁ ,ତା ହେଲେ ସମଗ୍ର ଜୀବ ଜଗତ ଓ ଉଦ୍ଭିଦ ଜଗତ ର ବିନାଶ ହୋଇଯିବ |ଜଳ ହିଁ ଜୀବନ |ଜଳ ବିନା ଆମେ ବଞ୍ଚି ପାରିବା ନାହିଁ |ଉଭୟ ପ୍ରାଣୀ ଜଗତ ଓ ଉଦ୍ଭିଦ ଜଗତ ପାଇଁ ଜଳ ନିତ୍ୟାନ୍ତ ଆବଶ୍ୟକ |ନଦୀ ,ନାଳ ,ପୋଖରୀ ଆଦି ଧୀରେ ଧୀରେ ଶୁଖିଯିବ |ଜଳ ଅଭାବରୁ ଗଛ ଲତା ମରିଯିବେ ,ପ୍ରାଣୀ ଜଗତ ଖାଦ୍ୟ ,ଅମ୍ଳଜାନ ଓ ଜଳ ଅଭାବରୁ ମୃତ୍ୟୁ ବରଣ କରିବେ |ସେଥିପାଇଁ ଜଳ ର ଅନ୍ୟ ନାମ ଜୀବନ |

https://wordwall.net/resource/26430525



# ଗୃହକର୍ମ

ଅଭ୍ୟାସ ୧୫ କୁ ବହିରେ କର ।



ଏହି ସ୍ତର ଦେଇ ପିଲା ମାନଙ୍କର ପଢିବା ଫଳାଫଳକୁ ମୂଲ୍ୟାଙ୍କନ କରାଯିବ ।

# ଲବ୍ଧ ଜ୍ଞାନର ଫଳାଫଳ-

ପିଲାମାନଙ୍କର ଶ୍ରବଣ,କଥନ,ପଠନ ଲିଖନ ଶୈଳୀର ଅଭିବୃଦ୍ଧି ଘଟିବ |



# THANKING YOU

# ODM EDUCATIONAL GROUP